**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**20 April - 2024**

**************************************

# ବିଧାନସଭା ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆଜିଠାରୁ ଆରମ୍ଭ ହେଉଛି । ଏହି ଅଧିବେଶନ ସେପ୍ଟେମ୍ବର ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନରେ ମୋଟ୍ ୧୯ଟି କାର୍ଯ୍ୟଦିବସ ରହିଛି । ପ୍ରଥମ ଦିନରେ ଆଜି ବିଭାଗୀୟ ସ୍ଥାୟୀ କମିଟି ଗୁଡ଼ିକର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ । ଆସନ୍ତାକାଲିଠାରୁ ସେପ୍ଟେମ୍ବର ମାସ ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଆଗତ ହେବ ଏବଂ ୧୦ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବାର କାର୍ଯ୍ୟକ୍ରମ ରହିଛି । ସେପ୍ଟେମ୍ବର ମାସ ୧୨ ତାରିଖ ଏବଂ ୧୩ ତାରିଖରେ ବେସରକାରୀ ସଭ୍ୟଙ୍କର କାର୍ଯ୍ୟସିବସ ରହିଛି । ସୂଚନାଯୋଗ୍ୟ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଜୁଲାଇମାସ ୨୨ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ ।

# ନୂଆ ରେଳଲାଇନ୍

ଓଡ଼ିଶାରେ ୩ଟି ନୂଆ ରେଳଲାଇନ୍ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଆର୍ଥିକ ଅନୁମୋଦନ ମିଳିଛି ବୋଲି ରେଳବାଇ ବୋର୍ଡ ପକ୍ଷରୁ ପୂର୍ବତଟ ରେଳପଥ କାର୍ଯ୍ୟାଳୟକୁ ଅବଗତ କରାଯାଇଛି । ଭଦ୍ରାଚଳମ ଦେଇ ମାଲକାନଗିରି-ପଣ୍ଡୁରଙ୍ଗପୁରମ୍‌କୁ ଯାଉଥିବା ସାଢ଼େ ୧୭୩ କିଲୋମିଟର ନୂଆ ରେଳଲାଇନ୍ ବାବଦରେ ସର୍ବାଧିକ ୩ହଜାର ୫୯୨କୋଟି ଟଙ୍କା ବ୍ୟୟ କରାଯିବ । ସେହିଭଳି ଜୁନାଗଡ-ନବରଙ୍ଗପୁର ୧୧୬ କିଲୋମିଟର ନୂଆ ରେଳଲାଇନ୍ ବାବଦରେ ୨ହଜାର ୮୬୪କୋଟି ଟଙ୍କା ବ୍ୟୟରାଶି ଅନୁମୋଦନ ମିଳିଛି । ପ୍ରାୟ ୭୪ କିଲୋମିଟର ନୂଆ ଗୁଣୁପୁର-ଥେରୁବାଲିର ରେଳଲାଇନ୍ ବାବଦରେ ୧ହଜାର ୧୬୫କୋଟି ୮୩ଲକ୍ଷ ଟଙ୍କା ଖର୍ଚ୍ଚ ପ୍ରସ୍ତାବକୁ ରେଳ ମନ୍ତ୍ରଣାଳୟ ଅନୁମୋଦନ ଦେଇଛି । ଏହି ୩ଟି ରେଳଲାଇନ୍ ପ୍ରକଳ୍ପଗୁଡ଼ିକ ୨୦୩୦-୩୧ ଆର୍ଥିକବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ହେବା ନେଇ ରେଳବାଇ ପକ୍ଷରୁ ସମୟସୀମା ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟ ଚଳିତମାସ ୯ ତାରିଖରେ କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶା ନିମନ୍ତେ ୬ଟି ନୂଆ ରେଳଲାଇନ୍ ପ୍ରସ୍ତାବକୁ ମଞ୍ଜୁର ମିଳିଥିଲା । ସେଥିମଧ୍ୟରୁ ୩ଟି ରେଳଲାଇନ୍‌କୁ ଆର୍ଥିକ ଅନୁମୋଦନ ମିଳିଛି ।

## ଏସ୍‌ଆଇଟି ବୈଠକ

କଳାଧନ ରୋକିବା ନେଇ ଗଠିତ ଜଷ୍ଟିସ ଅରଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖ କଟକଠାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ - ଏସ୍‌ଆଇଟିର ଏକାଦଶତମ ବୈଠକ ଅନୁଷ୍ଠିତ ହେବ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଆୟକର ବିଭାଗ, କ୍ରାଇମ୍‌ବ୍ରାଞ୍ଚ, ଭିଜିଲାନ୍ସ, ଓଡ଼ିଶା ପୋଲିସ ସମେତ ଅନ୍ୟକେତେକ ଆର୍ଥିକ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଜଷ୍ଟିସ ପଶାୟତଙ୍କର ଅଧ୍ୟକ୍ଷତାରେ ଗତବର୍ଷ ନଭେମ୍ବର ମାସରେ ଏସ୍‌ଆଇଟିର ଦଶମ ବୈଠକ ହୋଇଥିଲା । ଏହି ବୈଠକରେ ରାଜ୍ୟରେ ସରକାରୀ ଅଧିକାରୀମାନଙ୍କ ପକ୍ଷରୁ କଳାଧନ ଜବତ ନେଇ ହେଉଥିବା ମାମଲାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । କଳାଧନ କାରବାରକୁ ରୋକିବା ପାଇଁ କେନ୍ଦ୍ର ସରକାର ଏସ୍‌ଆଇଟି ଗଠନ କରିଛନ୍ତି । ଏସ୍‌ଆଇଟିର ନିୟମିତ ବୈଠକର ରିପୋର୍ଟ ସୁପ୍ରିମକୋର୍ଟଙ୍କୁ ଦିଆଯାଇଥାଏ ।

## ଏମ୍‌ପକ୍ସ ଭୂତାଣୁ-କେନ୍ଦ୍ର ସରକାର

ଭୁତାଣୁଜନିତ ଏମ୍‌ପକ୍ସ ବା ମଙ୍କିପକ୍ସକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ବିଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ବିମାନବନ୍ଦର ଗୁଡ଼ିକୁ ସତର୍କ

କରାଯାଇଛି । ଡାକ୍ତରଖାନା ଗୁଡ଼ିକରେ ଜରୁରୀକାଳୀନ ୱାର୍ଡ ବ୍ୟବସ୍ଥା ନିମନ୍ତେ ବିଭାଗୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶରୀରରେ ନାଲିଭଳି ଫଳିଥିବା ରୋଗୀଙ୍କୁ ଚିହ୍ନଟ ସହିତ ଆୟୁସେଲେସନ ୱାର୍ଡ ସ୍ଥାପନ ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି । ସନ୍ଦିଗ୍ଧ ରୋଗୀମାନଙ୍କର ଆର୍‌ଟିପିସିଆର୍ ଓ ସ୍ୱାବ୍ ଟେଷ୍ଟ କରିବା ପାଇଁ କୁହାଯାଇଛି ।

## ସ୍ନାତକୋତ୍ତର-ମେଧା ତାଲକା

ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ଲାଗି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଆଜି ଅପରାହ୍ଣ ୪ଟାରେ ପ୍ରକାଶ ପାଇବ । ଆସନ୍ତାକାଲିଠାରୁ ଛାତ୍ରଛାତ୍ରୀମାନେ ୨୪ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ । ଚଳିତମାସ ୩୧ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସେପ୍ଟେମ୍ବର ମାସ ୧୦ ତାରିଖ ଦିନ ତୃତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ । ଆସନ୍ତା ସେପ୍ଟେମ୍ବର ମାସ ୧୮ ତାରିଖରୁ ପିଜି ପାଠପଢ଼ା ଆରମ୍ଭ ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି ।

## ବିଶ୍ୱ ମଶା ଦିବସ

ସାର୍ ରୋନାଲ୍ଡରସ୍ ୧୮୯୭ ମସିହା ଆଜିର ଦିନରେ ତାଙ୍କର ଆବିଷ୍କାର ଦ୍ୱାରା ବିଶ୍ୱବାସୀଙ୍କୁ ଜଣାଇଥିଲେ ଯେ ମାଇ ଏନୋଫିଲିସ୍ ମଶା କାମୁଡିଲେ ମେଲେରିଆ ରୋଗ ହୋଇଥାଏ । ସାର୍ ରୋନାଲ୍ଡରସ୍‌ଙ୍କର ଅବଦାନକୁ ମନେପକାଇବା ପାଇଁ ଆଜି ବିଶ୍ୱ ମଶା ଦିବସ ପାଳନ କରାଯାଉଛି ।

ରୋନାଲ୍ଡରସ୍‌ଙ୍କର ଏହି ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା । ମଶା କାମୁଡିବା ଏବଂ ମଶା କାମୁଡାକୁ ପ୍ରତିରୋଧ କରିବା ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ନେଇ ବିଶ୍ୱ ମଶା ଦିବସ ପାଳନର ମୂଳ ଲକ୍ଷ୍ୟ ।

## ପାଣିପାଗ

ଦକ୍ଷିଣ ବାଂଲାଦେଶ ତତ୍‌ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଉତ୍ତରଓଡ଼ିଶା ସମେତ କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଓ ଦେବଗଡ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।